# NATIONAL NEWS BULLETIN (ODIA)

**5 April- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କଲା ୱଏଲର୍ସ ବିଲ୍-୨୦୨୪ ଏବଂ ଇମିଗ୍ରେସନ୍ ଓ ଫରେର୍ନ୍ସ ବିଲ୍-୨୦୨୫

- ଶ୍ରୀଲଙ୍କା ରାଷ୍ଟ୍ରପତିଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କଲେ ପ୍ରଧାନମନ୍ତ୍ରୀ

–ଶ୍ରୀ ମୋଦୀଙ୍କୁ ମିତ୍ରବିଭୂଷଣ ସମ୍ମାନରେ ସମ୍ମାନିତ କଲେ ରାଷ୍ଟ୍ରପତି ଦିଶାନାଏକେ

- ସମଗ୍ର ଦେଶରେ ଆଜି ପାଳନ କରାଯାଉଛି ୬୨ତମ ଜାତୀୟ ସାମୁଦ୍ରିକ ଦିବସ

- ୟୁକ୍ରେନ୍‌ର କୀଭିରି ସହର ଉପରେ ରୁଷର କ୍ଷେପଣାସ୍ତ୍ର ଆକ୍ରମଣରେ ୧୯ଜଣଙ୍କର ମୃତ୍ୟୁ

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ଚେନ୍ନାଇ ସୁପର୍‌କିଙ୍ଗସ ଓ ଦିଲ୍ଲୀ କ୍ୟାପିଟାଲ୍‌ସ ମଧ୍ୟରେ ମୁକାବିଲା ହେବାକୁ ଥିବା ବେଳେ ରାଜସ୍ଥାନ ରୟାଲ୍‌ସ ଓ ପଞ୍ଜାବ କିଙ୍ଗ୍‌ସ ପରସ୍ପରକୁ ଭେଟିବେ ।

---

# ପ୍ରେଜ୍-ବଏଲର ଆକ୍ଟ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବଏଲର୍ସ ବିଲ୍-୨୦୨୪କୁ ମଂଜୁରୀ ପ୍ରଦାନ କରିଛନ୍ତି । ୧୯୨୩ ମସିହାର ବଏଲର୍ସ ଆକ୍ଟକୁ ଉଚ୍ଛେଦ କରାଯାଇଛି । ଦେଶରେ ବଏଲର ଉତ୍ପାଦନ, ନିର୍ମାଣ ଏବଂ ବ୍ୟବହାରକୁ ପଞ୍ଜୀକରଣ ତଥା ଯାଞ୍ଚ ପ୍ରକ୍ରିୟାରେ ସମାନତା ନେଇ ଏହି ଆଇନରେ ବ୍ୟବସ୍ଥା ରହିଛି । ବ୍ୟବସାୟକୁ ଅଧିକ ସହଜ କରିବା ଏବଂ ଏମ୍ଏସ୍ଏମ୍ଇ କ୍ଷେତ୍ରକୁ ଅଧିକ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଏହି ଆଇନ କାର୍ଯ୍ୟକାରୀ ହୋଇଛି । ଏହି ଆଇନ ଦ୍ୱାରା ବଏଲର ପରିଚାଳନା କରୁଥିବା କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ ହୋଇପାରିବ ।

ସୂଚନାଯୋଗ୍ୟ, ଗତ ଡିସେମ୍ବର ମାସରେ ଏହି ବିଲ୍ ରାଜ୍ୟସଭାରେ ପାରିତ ହୋଇଥିବା ବେଳେ ଗତ ସପ୍ତାହରେ ଲୋକସଭାର ଅନୁମୋଦନ ଲାଭ କରିଥିଲା ।

---

# ପ୍ରେଜ୍-ଇମିଗ୍ରେସନ୍ ବିଲ୍

ବିଦେଶୀ ନାଗରିକଙ୍କ ଭାରତରେ ପ୍ରବେଶ ଏବଂ ରହଣିକୁ ନିୟନ୍ତ୍ରଣ କରିବା ଲକ୍ଷ୍ୟ ନେଇ ପ୍ରସ୍ତୁତ ଇମିଗ୍ରେସନ୍ ଏବଂ ଫରେନର୍ସ ବିଲ୍-୨୦୨୫ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଛି । ଭାରତରେ ପ୍ରବେଶ ପାସ୍‌ପୋର୍ଟ ଆଇନ ୧୯୨୦, ବିଦେଶୀ ପଞ୍ଜୀକରଣ ଆଇନ ୧୯୩୯, ବିଦେଶୀ ଆଇନ ୧୯୪୬ ଏବଂ ଇମିଗ୍ରେସନ୍ କ୍ୟାରିୟର୍ସ ଲାୟବିଲିଟି ଆକ୍ଟ୨୦୦୦କୁ ଏଥିସହ ଉଚ୍ଛେଦ କରାଯାଇଛି । ଜାଲ୍ ପାସ୍‌ପୋର୍ଟ କିମ୍ବା ନକଲି ଭିସା ବ୍ୟବହାର କରି ଭାରତରେ ପ୍ରବେଶ କରୁଥିବା ବିଦେଶୀ ନାଗରିକ କିମ୍ବା ଦେଶ ବାହାରକୁ ଯାଉଥିବା ନାଗରିକଙ୍କ ପାଇଁ ଏଥିରେ

ଜେଲ୍ ଦଣ୍ଡ ଓ ଜରିମାନାର ବ୍ୟବସ୍ଥା ରହିଛି । ଏହି ଆଇନ ଅନୁଯାୟୀ ୭ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଏବଂ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ହୋଇପାରେ । ପାସ୍‌ପୋର୍ଟ, ଭ୍ରମଣ କାଗଜପତ୍ର, ଭିସା ଏବଂ ପଞ୍ଜୀକରଣ ନେଇ କେନ୍ଦ୍ର ସରକାରଙ୍କୁ ଏଥିରେ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରାଯାଇଛି । ହୋଟେଲ୍ ଶିଳ୍ପ, ବିଶ୍ୱବିଦ୍ୟାଳୟ ତଥା ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ, ଡାକ୍ତରଖାନା ଏବଂ ନର୍ସିଂହୋମ୍‌ଗୁଡ଼ିକୁ ଆସୁଥିବା ବିଦେଶୀ ନାଗରିକଙ୍କ ସଂପର୍କରେ ସୂଚନା ପ୍ରଦାନ କରିବା ଏହି ଆଇନରେ ବାଧ୍ୟତାମୂଳକ କରାଯାଇଛି ।

---

# ପିଏମ୍-ଶ୍ରୀଲଙ୍କା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କଲମ୍ବୋଠାରେ ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାର ଦିଶାନାଏକେଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି । ଏହି ଅବସରରେ ପ୍ରତିରକ୍ଷା ଏବଂ ଶକ୍ତିକ୍ଷେତ୍ର ସମେତ ବିଭିନ୍ନ କ୍ଷେତ୍ର ପାଇଁ କେତୋଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

**V/O**

ରାଷ୍ଟ୍ରପତି ଦିଶାନାଏକେ ଶ୍ରୀ ମୋଦୀଙ୍କୁ **ମିତ୍ର ବିଭୂଷଣ** ସମ୍ମାନରେ ସମ୍ମାନିତ କରିଛନ୍ତି । ଗଣମାଧ୍ୟମକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି, ଏହା ହେଉଛି ୧୪୦କୋଟି ଭାରତୀୟଙ୍କର ସମ୍ମାନ । ଶ୍ରୀଲଙ୍କା ଓ ଭାରତ ଜନସାଧାରଣଙ୍କ ମଧ୍ୟରେ ଐତିହାସିକ ସଂପର୍କ ଏବଂ ଗଭୀର ବନ୍ଧୁତ୍ୱ ଏହା ପ୍ରତିପାଦିତ କରୁଛି ବୋଲି ସେ କହିଛନ୍ତି । ଏଥିପାଇଁ ପ୍ରଧାନମନ୍ତ୍ରୀ ଶ୍ରୀଲଙ୍କା ରାଷ୍ଟ୍ରପତି, ସେଠାକାର ସରକାର ଏବଂ ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ରାଷ୍ଟ୍ରପତି ଦିଶାନାଏକେ କହିଛନ୍ତି ଦୁଇଦେଶ ମଧ୍ୟରେ ସଂପର୍କ ଅତ୍ୟନ୍ତ ଘନିଷ୍ଠ । ଉଭୟ ଦେଶ ମଧ୍ୟରେ ଐତିହାସିକ, ଧାର୍ମିକ ଏବଂ ସାଂସ୍କୃତିକ ସଂପର୍କ ରହିବା ସହ ପାରସ୍ପରିକ ମୂଲ୍ୟବୋଧ, ସମ୍ମାନ ଏବଂ ସ୍ୱାର୍ଥସମ୍ବଳିତ କ୍ଷେତ୍ରରେ ଦୃଢ଼ ସହଭାଗିତା ରହିଛି ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ, ୩ ଦିନିଆ ଶ୍ରୀଲଙ୍କା ଗସ୍ତରେ ଯାଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗତ ସନ୍ଧ୍ୟାରେ କଲମ୍ବୋଠାରେ ପହଞ୍ଚିଥିଲେ । ବିମାନ ବନ୍ଦରରେ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

---

## ପିଏମ୍-କ୍ୟାବିନେଟ୍

ଚାରୋଟି ବହୁମୁଖୀ ରେଳପ୍ରକଳ୍ପ ଏବଂ ଆକାଂକ୍ଷୀ ଗ୍ରାମ୍ୟ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟକୁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଶଂସା କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ବହୁମୁଖୀ ରେଳପ୍ରକଳ୍ପ ଦେଶର ଯୋଗାଯୋଗ ଭିତ୍ତିଭୂମିରେ ଉନ୍ନତି ଆଣିବା ସହ ଯୋଗାଣ ଶୃଙ୍ଖଳକୁ ସୁଦୃଢ଼ କରିବ ଏବଂ ଆନୁସଙ୍ଗିକ ଖର୍ଚ୍ଚ ହ୍ରାସ ପାଇବ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଆକାଂକ୍ଷୀ ଗ୍ରାମ୍ୟ କାର୍ଯ୍ୟକ୍ରମ ଗ୍ରାମବାସୀଙ୍କର ଜୀବନ ଧାରଣ ମାନରେ ଉନ୍ନତି ଆଣିବ । ଏହାଦ୍ୱାରା ପ୍ରଥମ ପର୍ଯ୍ୟାୟ ତୁଳନାରେ ଯୋଜନାରେ ଅନ୍ତର୍ଭୁକ୍ତ ହେବାକୁ ଥିବା ଗ୍ରାମଗୁଡ଼ିକର ପରିସର ଅଧିକ ବ୍ୟାପକ ହୋଇପାରିବ । ସୂଚନାଯୋଗ୍ୟ କେନ୍ଦ୍ର କ୍ୟାବିନେଟ୍ ଗତକାଲି ରେଳ ମନ୍ତ୍ରଣାଳୟର ମୋଟ୍ ୧୮ ହଜାର ୬୫୮ କୋଟି ଟଙ୍କା ବ୍ୟୟରେ ୪ଟି ବହୁମୁଖୀ ପ୍ରକଳ୍ପକୁ ଅନୁମୋଦନ କରିଛି । ଏହି ପ୍ରକଳ୍ପଗୁଡ଼ିକରେ ମହାରାଷ୍ଟ୍ର, ଓଡ଼ିଶା ଓ ଛତିଶଗଡ଼ର ୧୫ଟି ଜିଲ୍ଲା ଅନ୍ତର୍ଭୁକ୍ତ ହୋଇଛି । ଏହା ଦ୍ୱାରା ରେଳବାଇର ଯୋଗାଯୋଗ ୧ ହଜାର ୨୪୭ କିଲୋମିଟର

ବୃଦ୍ଧି ପାଇବ । ସେହିଭଳି ୬ ହଜାର ୮୩୯ କୋଟି ଟଙ୍କା ବ୍ୟୟରେ ଆକାଂକ୍ଷୀ ଗ୍ରାମ୍ୟ କାର୍ଯ୍ୟକ୍ରମ ଦ୍ୱିତୀୟ ପର୍ଯ୍ୟାୟକୁ କ୍ୟାବିନେଟ୍ ଅନୁମୋଦନ କରିଛି ।

## ପିଏମ୍-ମାରିଟାଇମ୍ ଡେ

ଦେଶର ଅର୍ଥନୀତି, ପ୍ରତିରକ୍ଷା ଏବଂ ବାଣିଜ୍ୟ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ସାମୁଦ୍ରିକ ଶିଳ୍ପର ଗୁରୁତ୍ୱକୁ ଉପଲକ୍ଷି କରି ଆଜି ୬୨ତମ ଜାତୀୟ ସାମୁଦ୍ରିକ ଦିବସ ପାଳନ କରାଯାଉଛି । ପ୍ରତ୍ୟେକବର୍ଷ ଏପ୍ରିଲ୍ ମାସ ୫ ତାରିଖରେ ଏହି ଦିବସ ପାଳିତ ହୋଇଥାଏ । ସାମୁଦ୍ରିକ ଅଭିଯାନର ଗୁରୁତ୍ୱ  ଉପରେ ଆଲୋକପାତ କରିବା ଏବଂ ସମୁଦ୍ର ମଧ୍ୟରେ ବହୁଦିନ ଧରି କାର୍ଯ୍ୟ କରୁଥିବା ଲୋକଙ୍କୁ କୃତଜ୍ଞତା ଜ୍ଞାପନ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ।

ଏହି ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ସମୃଦ୍ଧ ସାମୁଦ୍ରିକ ଇତିହାସକୁ ସ୍ମରଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ  ଶ୍ରୀ ମୋଦୀ ଏକ ଭିଡ଼ିଓ ଶେୟାର କରି ରାଷ୍ଟ୍ର ନିର୍ମାଣରେ ସାମୁଦ୍ରିକ କ୍ଷେତ୍ରର ଭୂମିକା ଉପରେ ଆଲୋକପାତ କରିଛନ୍ତି । ଦେଶର ପ୍ରଗତି ପାଇଁ ସାମୁଦ୍ରିକ କ୍ଷେତ୍ର ଏବଂ ବନ୍ଦର ଗୁଡ଼ିକୁ ସୁଦୃଢ଼ କରିବାରେ ସରକାର ସମସ୍ତ ପ୍ରୟାସ ଜାରି ରଖିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ମାରିଟାଇମ୍ -ସୋନୱାଲ

ନୂଆଦିଲ୍ଲୀଠାରେ ୬୨ତମ ଜାତୀୟ ସାମୁଦ୍ରିକ ଦିବସ ପାଳନ ଅବସରରେ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ଏକ ସଚେତନତା ର୍ୟାଲିକୁ ପତାକା ଦେଖାଇ ଶୁଭାରମ୍ଭ

କରିଥିଲେ । ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା କ୍ଷେତ୍ରରେ ପ୍ରତ୍ୟେକ ନାଗରିକଙ୍କ ଅବଦାନ ଏବଂ ଭୂମିକା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଥିଲେ । ସାମୁଦ୍ରିକ କ୍ଷେତ୍ରରେ ବିଶ୍ୱରେ ଭାରତକୁ ଏକ ଶକ୍ତିଶାଳୀ ରାଷ୍ଟ୍ର ଭାବେ ପରିଣତ କରିବାକୁ ହେଲେ ଯୁବପିଢ଼ିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିଛନ୍ତି । ଭାରତର ସାମୁଦ୍ରିକ କ୍ଷେତ୍ର ଦେଶର ଅର୍ଥନୀତିରେ ଏକ ପ୍ରମୁଖ ସ୍ଥାନ ଅଧିକାର କରିଛି ଏବଂ ବହୁବର୍ଷ ଧରି ଏହାର ଗୌରବମୟ ଇତିହାସ ରହିଛି ବୋଲି ସେ କହିଛନ୍ତି ।

**V/O**

---

# ପିଏମ୍-ଜଗଜ୍ଜୀବନରାମ

ପୂର୍ବତନ ଉପପ୍ରଧାନମନ୍ତ୍ରୀ ଆଜି ବାବୁ ଜଗଜ୍ଜୀବନ ରାମଙ୍କ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ସମାଜରେ ବଞ୍ଚିତ ଏବଂ ଦୁର୍ବଳ ଶ୍ରେଣୀଙ୍କ ଅଧିକାର ପାଇଁ ଜଗଜ୍ଜୀବନ ରାମଙ୍କ ଜୀବନବ୍ୟାପୀ ସଂଘର୍ଷ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ।

---

# ୟୁକ୍ରେନ୍-ରୁଷ

ୟୁକ୍ରେନ୍‌ର କୀଭିରି ସହର ଉପରେ ଗତକାଲି ରୁଷ୍‌ର କ୍ଷେପଣାସ୍ତ୍ର ଆକ୍ରମଣରେ ୧୯ ଜଣଙ୍କର ମୃତ୍ୟୁ ହୋଇଛି । ସେଥିମଧ୍ୟରେ ୯ ଜଣ ଶିଶୁ ରହିଛନ୍ତି । ୟୁକ୍ରେନ୍ କର୍ତ୍ତୃପକ୍ଷଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଆକ୍ରମଣରେ ୫୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଅନ୍ୟପକ୍ଷରେ ରୁଷ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ସେଠାରେ ସାମରିକ ସମାବେଶକୁ ଲକ୍ଷ୍ୟ ରଖି ଏହି ଆକ୍ରମଣ କରାଯାଇଥିଲା । ଏହାକୁ

ୟୁକ୍ରେନ୍ ସେନା ଖଣ୍ଡନ କରିଛି । ରାଷ୍ଟ୍ରପତି ଭୋଲ୍‌ଦମୀର ଜେଲେନ୍‌ସ୍କି ଏହି ଆକ୍ରମଣକୁ ଚଳିତବର୍ଷର ଅନ୍ୟତମ ଭୟଙ୍କର ଆକ୍ରମଣ ବୋଲି କହିଛନ୍ତି ।

## କାନାଡା-ଇଣ୍ଡିଆନ୍ ନ୍ୟାଶନାଲ୍

କାନାଡାର ରକ୍‌ଲ୍ୟାଣ୍ଡ୍ ଅଞ୍ଚଳରେ ଛୁରାମାଡ଼ରେ ଜଣେ ଭାରତୀୟଙ୍କର ମୃତ୍ୟୁ ହୋଇଥିବା ନିଶ୍ଚିତ ହୋଇଛି । ଓଟାଓ୍ୱାସ୍ଥିତ ଭାରତୀୟ ହାଇକମିଶନଙ୍କ କାର୍ଯ୍ୟାଳୟ ଏହା ସ୍ପଷ୍ଟ କରିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଭାରତୀୟ ହାଇକମିଶନ ଏହି ଘଟଣା ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଏଥିରେ ଜଡ଼ିତ ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ପୋଲିସ୍ ଗିରଫ କରିଛି । ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବା ପାଇଁ ସ୍ଥାନୀୟ ଗୋଷ୍ଠୀ ସଂଗଠନ ସହ ଭାରତୀୟ ହାଇକମିଶନଙ୍କ କାର୍ଯ୍ୟାଳୟ ଯୋଗାଯୋଗରେ ରହିଛି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ଦୁଇଟି ମ୍ୟାଚ୍ ଖେଳାଯିବ । ଅପରାହ୍ନ ସାଢ଼େ ୩ଟାରେ ଚେନ୍ନାଇଠାରେ ଚେନ୍ନାଇ ସୁପର୍ କିଙ୍ଗ୍‌ସ ଏବଂ ଦିଲ୍ଲୀ କ୍ୟାପିଟାଲ୍‌ସ ମଧ୍ୟରେ ମୁକାବିଲା ହେବ । ସେହିଭଳି ସନ୍ଧ୍ୟା ସାଢ଼େ୭ଟାରେ ଚଣ୍ଡୀଗଡ଼ଠାରେ ରାଜସ୍ଥାନ ରୟାଲ୍‌ସ ଓ ପଞ୍ଜାବ କିଙ୍ଗସ୍ ପରସ୍ପରକୁ ଭେଟିବେ ।

ଗତକାଲିର ମ୍ୟାଚ୍‌ରେ ଲକ୍ଷ୍ନୌ ସୁପାରଜ୍ୟାଣ୍ଟ୍‌ସ' ମୁମ୍ବାଇ ଇଣ୍ଡିଆନ୍‌ସକୁ ୧୨ ରନ୍‌ରେ ପରାସ୍ତ କରିଥିଲା ।

## ବକ୍ସିଂ

ବିଶ୍ୱକପ୍ ମୁଷ୍ଟିଯୁଦ୍ଧ ୨୦୨୫ ପ୍ରତିଯୋଗିତାର ପୁରୁଷ ୬୫ କିଲୋ ବର୍ଗରେ ଫାଇନାଲ୍ ପର୍ଯ୍ୟାୟକୁ ଭାରତର ଅଭିନାଶ ଜାମୋୱାଲ ଉନ୍ନୀତ ହୋଇଛନ୍ତି । ବ୍ରାଜିଲଠାରେ ଚାଲିଥିବା ଏହି ପ୍ରତିଯୋଗିତାରେ ଗତକାଲିର ସେମିଫାଇନାଲ୍ ପର୍ଯ୍ୟାୟରେ ଅଭିନାଶ' ଇଟାଲୀର ଜିଆନ୍ଲୁଇଗି ମାଲାଙ୍ଗାଙ୍କୁ ୫-୦ ପଏଣ୍ଟରେ ପରାସ୍ତ କରି ଫାଇନାଲ୍ ପର୍ଯ୍ୟାୟରେ ପହଞ୍ଚିଛନ୍ତି । ଆଜି ଫାଇନାଲ୍‌ରେ ଅଭିନାଶ ବ୍ରାଜିଲ ପ୍ରତିପକ୍ଷ ୟୁରି ରେଇସ୍‌ଙ୍କୁ ଭେଟିବେ । ସେହିଭଳି ପୁରୁଷ ୭୦ କିଲୋ ବର୍ଗର ଫାଇନାଲ୍ ପର୍ଯ୍ୟାୟରେ ଭାରତର ହିତେଶ ଏବଂ ଇଂଲଣ୍ଡର ଓଡେଲ କାମାରାଙ୍କ ମଧ୍ୟରେ ମୁକାବିଲା ହେବ । ସେମିଫାଇନାଲ୍ ପର୍ଯ୍ୟାୟରେ ଗତ ଗୁରୁବାର ଦିନ ହିତେଶ ଫ୍ରାନ୍ସର ମାକାନ ଟ୍ରାଓରାଙ୍କୁ ୫-୦ ପଏଣ୍ଟରେ ପରାସ୍ତ କରିଥିଲେ । ପୁରୁଷ ୫୫ କିଲୋବର୍ଗରେ ଭାରତର ମନୀଷ ରାଠୋର ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।

---